GOVERNMENT OF INDIA
NATIONAL LIBRARY, CALCUTTA.

OR
Class No. 891. 451
Book No. M324S

N. L. 38.

MGIPC—S4—38 LNL/56—22-5-57—50,000.

ଘା ଦ୍ନ ବା ଣୀ !

ଝ । ଗ୍ରାଃ । ଖରଗୁଆଁ । ପୋଃ । ଖରଗୁଆଁ, ।
। ଜିଃ । ସିଂହଭୂମ ନିବାସୀ

ଶ୍ରୀ ଅମ୍ବିକାଚରଣ ମହାପାତ୍ର
ଛମୁକରଣଙ୍କ ଦ୍ୱାରା ବିରଚିତ

ଓ

ପ୍ରଥମବାର ପ୍ରକାଶିତ ।

PRINTED & PUBLISHED BY SARAT CH. RAY.
AT THE ANGLO SANSKRIT PRESS,
51, SANKARITOLA
CALCUTTA
1921

ମୂଲ୍ୟ ଟ ୦ ⁄ ଦୁଇଅଣା ମାତ୍ର ।

ଶା ହୃ ବା ଣୀ ।

ତାଳ—ଏକତାଳା ।

ନମାମି ଗିରିଜା ନନ୍ଦନଂ ।
ଲମ୍ବୋଦର ଶ୍ରୀଗଣେଶ୍ୱର ସୂର୍ଯ୍ୟ ମୂଷ ବାହନଂ । ପଦ ।
ବାରଣ ବଦନ ଏକରଦନ, ରତନ କିରୀଟ ଶିରେ ସୁଶୋଭନ
କର୍ଣ୍ଣରେ କୁଣ୍ଡଳ ସୁଧାଂଶୁ ମଣ୍ଡଳ ସୁଷମାରେ ହେବେ ଲାଞ୍ଛନ । ୧ ।
ଅଦିତିନନ୍ଦନ ମଧ୍ୟେ ଅଗ୍ରଗଣ୍ୟ, ପାଶାଙ୍କୁଶ କମ୍ବୁ ଘଣ୍ଟାଧାରଣ
ସ୍କନ୍ଧେ ବିଲମ୍ବିତ କାଞ୍ଚନ ପବିତ ତ୍ରିଲୋକଜନେ ମନରଞ୍ଜନ । ୨ ।
ନମୋ ବିନାୟକ ବିଜ୍ଞାନ ଦାୟକ, କରହେ କରୁଣା ଏବାନେ ବାରେକ
ମହିମା ମିହିର ପ୍ରକାଶିଣ କର, ମାନସ ତିମିର ଭଞ୍ଜନ । ୩ ।
ଖର୍ବାଂଶୁ ନିବାସୀ କରଣ ବର୍ତ୍ତି, କେଶବାତ୍ମଜ ଅମ୍ବିକାରଣ
ବିଘ୍ନ ବିନାଶନ ଚରଣେ ଶରଣ କୁରୁମମ ବିଘ୍ନ ନାଶନ । ୪ ।

ତାଳ—ଏକତାଳା ।

ନମାମି ଶାରଦା ଶ୍ରୀପଦ ସରୋଜେ ଶୁଭ୍ର ଅମ୍ବୁଜେ ବିରାଜେ ଯେ
ରଜତ ନିନ୍ଦିତ ତନୁ ସୁଲୋଳିତ ମଞ୍ଜୁଳ ମୂରତି ସାଜେ ଯେ । ପଦ ।
ହୃଦୟ ରଞ୍ଜିତ ମୁକୁତାହାରରେ ସୁଶୋଭିତା ହୋଇଛନ୍ତି ନୀଳାମ୍ବରେ
ସମ୍ପୂର୍ଣ୍ଣ ଶଶୀଙ୍କ ଉଦୟ ହୋଇଛି ନୀଳ ଅମ୍ବରେ ସହଜେ ଯେ । ୧ ।
କାଞ୍ଚନ ନିର୍ମିତ ରତନ ଖଚିତ କିରୀଟ ହୋଇଛି ଶିରେ ସମୁଦିତ
ଶ୍ରୀକର କଞ୍ଜରେ ସପ୍ତମଂସ୍ୱରେ ବୀଣା ସୁମଧୁରେ ବାଜେ ଯେ । ୨ ।
ଅଜ୍ଞାନ ତମ ତପନ ରୂପିଣୀ ବୋଧ ରୂପା ବ୍ରହ୍ମଜ୍ଞାନ ପ୍ରକାଶିନୀ
ଅଜ୍ଞାନ ଅମ୍ବିକା କରେ ତ ଦଇନ୍ୟ ସଜନ୍ତୁ ସେ ମୋହନିଦାନ୍ତେ ଯେ । ୩ ।

ରାଗ—ଶ୍ରୀରଙ୍ଗି ବା ଏକତାଲି ।

ଶଙ୍କର ଶଙ୍କର ଚନ୍ଦ୍ରଶେଖର ଶିବ କଳେବରେ ରାଜେ ଯେ ।
ଛବି ଏ ମୋହନ ସୁମନ ସମାନ ଶିରେ ଫଣିରାଜ ସାଜେ ଯେ । ପଦ ।
ଗଙ୍ଗାଧର ଭଜନ କରି ବିସର୍ଜନ ବିଷ୍ଣୁ ବିଭୂଷଣ ତ୍ରିଶୂଳ ଧାରଣ ।
କି ମଧୁର ଏହି ଡମିକି ଡମିକି ଡମ୍ବରୁ ସୁସ୍ୱରେ ବାଜେ ଯେ । ୧ ।
ମଦନ ଦମନ ବୃଷଭ ବାହନ ଶିଖରେ ସୁଧାଂଶୁ ଅତି ସୁଶୋଭନ
ଭୂତି ଭୂତି ଧୂଳି କରି ମନ୍ଦାକିନୀ ରାଜନ୍ତି ଜଟା ସମାଜେ ଯେ । ୨ ।
ବିନାୟକ ତାତ ହେମବତୀ ନାଥ ଆଶୁତୋଷ ନାମ ଯାହାଙ୍କ ବିଦିତ ।
ଅମ୍ବିକା ଚରଣ ହୋଇଛି ଶରଣ ତାଙ୍କ ଅଭୟ ପାଦାବ୍ଜେ ଯେ । ୩ ।

—✱—

ରାଗ—ଶ୍ରୀରଙ୍ଗି ।

ଶଙ୍କର ମୋହିନୀ ତ୍ରିଲୋକ ବନ୍ଦିନୀ ଜୟ ଜଗନ୍ନାଥ ଅଭୟ ଦାୟିନୀ ।
ତ୍ରିଲୋକ ପୂଜିତା, ନଗେନ୍ଦ୍ର ଦୁହିତା,
ନମସ୍ତେ ନମସ୍ତେ ନମୋ କାତ୍ୟାୟନୀ । ପଦ ।
ଆଦ୍ୟାଶକ୍ତି ମାତଃ ବିଶ୍ୱେଶ୍ୱରୀ ତୁହି ବିଶ୍ୱସ୍ଥ ଜନଙ୍କ ସଦା କରୁ ତ୍ରାହି
ବ୍ରହ୍ମା ବିଷ୍ଣୁ, ଇନ୍ଦ୍ର ଆବର ଯୋଗୀନ୍ଦ୍ର ଜପନ୍ତି ତୋ ନାମ ଦିବସ ଯାମିନୀ ॥
ଚନ୍ଦ୍ର ସୂର୍ଯ୍ୟ ଆଦି ନବଗ୍ରହମାନେ ଋଷି ମୁନି ଜ୍ଞାନୀ ବସି ଯୋଗାସନେ
ନ ପାବନ୍ତି ସୀମା ତୋହରି ମହିମା, ନମାମି ଅଭୟା କେଶରୀବାହିନୀ ॥
କାମ କ୍ରୋଧ ମୋହ ଷଡ଼ରିପୁମାନ ସନ୍ତୁଳିତମ ତୋହରି ଭଆଣ ।
ଦିବସ ଶର୍ବରୀ, ଭବ ଅନ୍ଧକାରୀ, ସୃଷ୍ଟି ସ୍ଥିତି ଆଦି ପ୍ରଳୟ କାରିଣୀ ॥
ଭବମାୟା ଦୁର୍ଗ ଅସୀମ ଦୁର୍ଗମ ତବ କୃପା ବିନା ଲଙ୍ଘିବେ ଅକ୍ଷମ
ତୋ ପାଦେ ଶରଣ, ଅମ୍ବିକା ଚରଣ,
ପାରିକର ଦୁର୍ଗେ ଦୁର୍ଗତି ନାଶିନୀ । ୪ ।

—✱—

ରାଗ—ଏକତାଲି ।

ପ୍ରଣମି ଶାରଦା ଚରଣ,
ଶ୍ୱେତାବ୍ଜ ବାସିନୀ ଜ୍ଞାନ ପ୍ରଦାୟିନୀ ଅଶେଷା ମରାଳ ବାହନ । ପଦ ।
ହିମାଂଶୁ ଲାଞ୍ଛିତା ତନୁ ସୁଲୋଲିତା ପରିଧାନେ ଶ୍ୱେତ ବସନ,
ସ୍ଫଟିକ ଗଞ୍ଜନ ମୁକ୍ତାହାର ମାନ ଯା କଣ୍ଠେ ହୁଅଇ ଶୋଭନ । ୧ ।
ସ୍ୱରାଦି ବିଧାନ ଲୋମ ଅନୁଲୋମ ଯାଠାରୁ ହୋଇଛି ସୃଜନ,
ସଦା ବୀଣାଯନ୍ତ୍ରେ ନାରାୟଣ ମନ୍ତ୍ରେ ସୁସ୍ୱରେ ଯେ କରେ ବାଦନ ॥
ବିଦ୍ୟା ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଯା କଣ୍ଠେ ନିଗମ ଆଗମ,
ସେ ଦେବୀ ଚରଣେ ଭକ୍ତି ସହ ମନେ ନମଇଁ ଅମ୍ବିକାଚରଣ । ୩ ।

—o—

ଶ୍ଳୋକ ବୃତ୍ତରେ ଅଥବା ରାଗ ମଙ୍ଗଳ ।

ଶ୍ରୀ ନନ୍ଦ ନନ୍ଦନ ତ୍ରିବିକ୍ରମ ବାସୁଦେବ,
ଶ୍ରୀବତ୍ସ ଲାଞ୍ଛନ ସୁପର୍ବାଣ ବନ୍ଦ୍ୟଦେବ । ଯେ ।
ଇନ୍ଦୀବର ଦଳ ଶ୍ୟାମ ପ୍ରଭୁ ଦୀନନାଥ,
ଇନ୍ଦ୍ରାବରଜ ଗରୁଡ଼ଧ୍ୱଜ ଲୋକନାଥ । ଯେ ।
ରାଧିକା ରଞ୍ଜନ ଜନାର୍ଦ୍ଦନ ପୀତବାସ,
ରାକ୍ଷସ ନାଶକ ଚତୁର୍ଭୁଜ କ୍ଷୀରବାସ । ଯେ ।
ନାରାୟଣ ଅଧୋକ୍ଷଜ କୌସ୍ତୁଭ ଭୂଷିତ,
ନାମାମୃତେ ଭବ ସଦା ସଜ୍ଜନ ତୃଷିତ । ଯେ ।

—o—

ରାଗ—ଏକତାଲି ।

ଆସ ଆସ ବନ୍ଧୁ ହେରିବ କୃପାସିନ୍ଧୁ ପବିତ୍ର କରିବା ମନ ।
ନିକୁଞ୍ଜ ବନରେ ରାଧିକା ସଙ୍ଗରେ ବିହରିବେ ସେ ମୋହନ । ପଦ ।
ମଲ୍ଲିକା ମାଳତୀ ସୁମନ ତୋଳି, ମାଳାଗୁନ୍ଥି ଅଳି ବରଜ ବାଳୀ,
ଅତି କୁତୁହଳେ ଶ୍ରୀହରିଙ୍କ ଗଳେ ପକାଇବେ ଗୋପୀଗଣ । ୧ ।

ଯୁଗଳ ରୂପକୁ ସଜାଇ ଫୁଲେ   ବେଢ଼ି ରହିଥିବେ ଯୁବତୀ କୁଳେ,
ତାଙ୍କ ଅଭିଳାଷ ଜାଣି ପୀତବାସ ପୂର୍ଣ୍ଣ କରିବେ ବହନ । ୨ ।
ଶ୍ରୀପତି ଶ୍ରୀଅଙ୍ଗେ ମିଶାଇ ଅଙ୍ଗ   କରୁଥିବେ ରାଧା କେତେ ସୁରଙ୍ଗ,
ଦର୍ଶିତ ଯୁଗଳେ ପ୍ରେମାନନ୍ଦ ଜଳେ ହୋଇଥିବ ନିମଗନ । ୩ ।
ଭଣଇ ଅମ୍ବିକା ପ୍ରଫୁଲ୍ଲମନେ   ଚାଲ ଚାଲ ଯାଇ ନିକୁଞ୍ଜ ବନେ
ରାଧିକା ମୋହନେ ନିରଖି ନୟନେ ବିନାଶିବା ପାପମାନ । ୪ ।

—*—

ତାଳ—ଆଡ଼ାଠେକା ।

ଦୟାନିଧି ଦୟାକର ତୁମ୍ଭ ଚରଣେ ଶରଣ ।
କୃପାଦାନେ ଘୋର ତମ ହର ମୋର ବିମୋଚନ । ପଦ ।
ପତିତ ପାବନ ହରି,   ବିଶ୍ୱଜନ ହିତକାରୀ
ଜୟ ନିକୁଞ୍ଜ ବିହାରୀ ରାଧିକା ମନ ରଞ୍ଜନ । ୧ ।
ନୀଳ କନ୍ଦର ବିହାରୀ   ଧନୁର୍ଦ୍ଧର ରାବଣାରି
ଜଗତ ଆନନ୍ଦକାରୀ ଦାନବ ଦର୍ପ ଗଞ୍ଜନ । ୨ ।
ଅନାଦି ଶ୍ରୀ ଭଗବାନ   ସୃଷ୍ଟି ସ୍ଥିତି ଲୟ କାରଣ
ତୁମ୍ଭେ ଅଟ ଜ୍ଞାନ ଧ୍ୟାନ ପ୍ରଭୋ ! ଜଗତ ଜୀବନ । ୩ ।
ଭବ ଭବ ମୃତ୍ୟୁଞ୍ଜୟ   ତୁମ୍ଭ ମହିମା ଅକ୍ଷୟ
କହି ନ ପାରନ୍ତି ଅୟି ପ୍ରଭୋ ମଦନମୋହନ । ୪ ।
ପ୍ରଭୋ ଦେବ ଦାମୋଦର   ମୁଁ ଅଟେଁ ମୂଢ଼ପାମର
ତାରେ ମୋତେ କୃପା କର କହେ ଅମ୍ବିକାଚରଣ । ୫ ।

—o—

ରାଗ—ଏକତାଲି ।

ଦୁର୍ଗେ ଦୁର୍ଗତି ନାଶିନୀ ।
ନମ ଏ ଦୁର୍ଗତି ନାଶ ଶ୍ରୀଦୁର୍ଗତି ଭଗବତୀ ଗତି ଦାୟିନୀ । ପଦ ।
ମୁଣ୍ଡାସୁର ଶାସିନୀ   ଶାନ୍ତି ସଂସ୍ଥାପିନୀ   ସୃଷ୍ଟି ସ୍ଥିତି ଅନ୍ତ କାରିଣୀ

ସନ୍ତାପ ହାରିଣୀ ସମ୍ପଦ ଦାୟିନୀ ନମାମି ନଗେନ୍ଦ୍ର ନନ୍ଦିନୀ ।୧।
ସର୍ବାର୍ଥ ସାଧିନୀ ଶିବ ସୀମନ୍ତିନୀ ଶରଣ୍ୟେ ଶରଣ ଦାୟିନୀ
ଶିବାନୀ ସତ୍ୱରେ ଯାନ୍ତୁ କର୍ମ୍ମ ମୋରେ ହୁଅ ମା ହର୍ଯ୍ୟକ୍ଷ ବାହିନୀ ।୨।
ଶଙ୍କରୀ ଶଙ୍କଟେ ପଡିଛୁ କପଟେ ଉଦ୍ଧାର ପତିତୋଦ୍ଧାରିଣୀ ।
ସୁରଙ୍କ ସମ୍ପଦ ପଦ କୋକନଦ ଧ୍ୟାଉଛି ଅମ୍ବିକା ତାରିଣୀ ।୩।

ରାଗ—କୀର୍ତ୍ତନୀ ଏକତାଳୀ ।

କିବା ମନୋହର ରାଧା ସହ ଶ୍ୟାମ ବିଜେ କୁଞ୍ଜବନରେ ।
ଶ୍ରୀକରେ ମୁରଲୀ ଧରି ବନମାଳୀ ବଜାନ୍ତି ମଧୁର ସ୍ୱରେ । ପଦ ।
ଚତୁର ବଦନ ଇନ୍ଦ୍ର ପଞ୍ଚାନନ ଜପନ୍ତି ଯାହା ନାମ ଅନ୍ତରେ ।
(ହରି ହେ) ସେହି ପୀତବାସେ,
ମାନସ ଉଲ୍ଲାସେ ଭାବମନ ଭକ୍ତିରେ ।୧।
ଯୋଗୀ ତପସ୍ୱୀ ଯାହା ନାମ ସୁମରି ତରନ୍ତି ସଂସାର ସାଗରେ ।
(ହରି ହେ ହରି) ଏ ଭବ କାଣ୍ଡାରି,
ଶ୍ରୀପତି କିଶୋରୀ ଭଜ ଭଜ ମନ ଅନ୍ତରେ ।୨।
(ଏ ଦାସ) ଅମ୍ବିକା ଭଣଇ ଦୃଢ଼ମନ କରାଇ,
ରାଧା କୃଷ୍ଣ ନାମ ଭଜରେ ।
କରେ କରତାଳି ଦେଇ ସର୍ବେମେଳି ହରି ହରି ବୋଲି ବୋଲରେ ।
(ରେ ମନ ହରି ହରି ବୋଲି ନାଚରେ)

ସ୍ତୁତି ଶ୍ରୀମାନ୍ ରଜା ଶ୍ରୀ ଶ୍ରୀ ଶ୍ରୀ ଖରସୁଁଆ ଅଧୀଶ୍ୱର ଫିଉଡ଼େଟେରି
ଚିଫ୍ ବାହାଦୁର ମହୋଦୟଙ୍କ ସମୁଦ୍ଦେଶ୍ୟେ ନିମ୍ନଲିଖିତ
କବିତା ଉପସ୍ଥ କରଅଛି ।

ତାଳ—ଏକତାଳି ।

ଗାଓରେ—ସୁଜନେ ସୁଯତ୍ନେ ସୁତାନେ ଶ୍ରୀରାମଁ ସୁଯଶ ଗାନ
ସକଳଖରାଂଶୁ ସମସ୍ୱରେ ନାଦ ସୁକଣ୍ଠରେ ଉଠୁ ତାନ । ପଦ ।
ସୁଧାଂଶୁର ସ୍ନିଗ୍ଧ ସୁଗୁଲ୍ଭ କିରଣ ସମ ଯଶୋ ରଶ୍ମି ଯାଶୁଣ ରଞ୍ଜନ ।
ସଦା ହୃଦାକାଶରେ ସୁଶୋଭିତା କରେ ସତ ଶାନ୍ତି ଧରାଧାମ । ୧ ।
ସ୍ୱଦେଶ ସଦ୍‌ଗୁଣୀ ସମୂହଙ୍କୁ ଯାଣି ସଦା ସମାଦର କରନ୍ତି ଯେ ପୁଣି
ସଭାରେ ଅତିଥି ସନ୍ତୁଷ୍ଟ ଲଭନ୍ତି ସମଦର୍ଶୀ ଯାର ମନ । ୨ ।
ସ୍ୱରାଜ୍ୟ ପ୍ରଣାଳୀ ଶାସନ ଶ୍ରବଣେ ଶ୍ରବଣ ସାଫଲ୍ୟ ହୁଏ ଅନୁକ୍ଷଣେ ।
ଭକ୍ତି ଶ୍ରଦ୍ଧାରେ ସରବଦା ସୁରେ ସେବା ଯାର ସତ୍ୟ ଧ୍ୟାନ । ୩ ।

—✺—

ରାଗ—ମଙ୍ଗଳ ।

ଶ୍ରୀରାମ ଚନ୍ଦ୍ର କେଶରୀ ଭୂପେନ୍ଦ୍ର ମଣ୍ଡନ ।
ରାଜିବ ପଲ୍ଲବନେତ୍ର ଅତୀବ ରଞ୍ଜନ ଯେ ॥
ମନ୍ଦହାସେ ମୁଖଚନ୍ଦ୍ର ସୁଷମା ଅପାର ।
ବିନିନ୍ଦିତ କରେ ଯାହାଙ୍କର ରୂପ ମାର ଯେ ॥
ଧୂମହୀନ ବହ୍ନି ସମ ଯା ତେଜ ରାଜିଲ ।
ଦେଖୁ ପରା କୀର୍ତ୍ତିଜାଲେ ପୂରିଲ ଧରଣୀ ଯେ ॥
ମନ୍ଦିରେ ଶ୍ରୀ ଶ୍ରୀମୁଙ୍କ ଶୁଣେ ମନାନନ୍ଦ ।
ରିପୁଏ ଶାନ୍ତି ପଦେ ନ ହୋଇ ନିମ୍ନ ଯେ ॥

ଷୀରାଂଶୁ ଶରଦାକାଶ ସମ୍ପୂର୍ଣ୍ଣ ଚନ୍ଦ୍ରରେ ।
ରାମନାମ ମନୋରମ ପଲ୍ଲବି ନା ଧରେ ଯେ ॥
ଶୁଭ ରାଜ୍ୟୋଯାଗ ବାର୍ତ୍ତା ପୂରିଲା ସୁସ୍ୱରେ ।
ଭୂଦେବ ବାନ୍ଧବ ମଧ୍ୟ ପୁନଃ ସ୍ୱକୁଳରେ ଯେ ॥
ପ୍ରରମ ଆନନ୍ଦ ଅଙ୍କ ଏ ପ୍ରଜା ଗଣର ।
ଚିନ୍ତ ଅଚ୍ଛ ଆନନ୍ଦାଶ୍ରୁ ହର୍ଷେ ଅତ୍ଯୀବର ଯେ ॥

* * * *

୫ ଯାହାଙ୍କ ନାମ ରାଜଭି ପଦ ଆଦ୍ୟକ୍ଷରେ ।
ଭରଷା ସର୍ବଦା ତାଙ୍କୁ ଜଳଜ ପଦ୍ମରେ ଯେ ॥
ନାମର ଦ୍ୱାଦଶ ବର୍ଣ୍ଣେ ଯାଉଛି ମୋହର ।
ଦାସେ ଅନ୍ନ ଭିକ୍ଷା କରି ଦଅନ୍ତର ବର ଯେ ॥

ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ବାରିଷ୍ଟର ମହୋଦୟ ସିଂହଭୂମି
ଅନ୍ତର୍ଗତ ଖରସୁଆଁ ନଗରରେ ଉତ୍ତୀର୍ଣ୍ଣ ହୋଇ
ଜାତୀୟ ଉନ୍ନତି ବିଧାନ କରିବାକୁ ଅଗ୍ରସର
ହେବା ନିମନ୍ତେ ଯେଉଁ ଅଧିବେଶନ
ହୋଇଥିଲା ତଦୁପଲକ୍ଷେ ନିମ୍ନ
ଲିଖିତ କବିତାଟି ରଚିତ।

ଜାତୀୟ ସଙ୍ଗୀତ — ଏକତାଲ।

ସୁଯୋଗେ ପାହିଲା ଆଜି ଏ ରଜନୀ ହୃଦେ ନବଭାବ ରାଜେ ଯେ।
ଆସ ତେଣୁ ଭାଇ, ସର୍ବେ ଏକହୋଇ,
ଉତ୍କଳ ଉନ୍ନତି କାର୍ଯ୍ୟେ ଯେ। ପଦ।
ଦେଖ ଦେଖ ଭାଇ ଦେଖୁଛନ୍ତି ବାରେ
ଉତ୍କଳ ବାସୀଙ୍କ ଉନ୍ନତି ଆଶାରେ।
ମିଶ୍ର ବିଶ୍ୱନାଥ ଉତ୍କଳ ସୁପୁତ୍ର
ଉଦିଲେ ଶୀତାଂଶୁ ଭାଗ୍ୟେ ଯେ। ୧।
ଜ୍ଞାନାକାଶ ଥିଲା ତମସାଚ୍ଛନ୍ନ,
ତେଣୁଥିଲୁଁ ଆମ୍ଭେ ସଦା ଅବସନ୍ନ,
ବିଶ୍ୱନାଥ ଭାନୁ, ଉଦୟରେ ଜ୍ଞାନ,
ତମିସ୍ର ଗଲା ସହଜେ ଯେ। ୨।
ଅଦମ୍ୟ ଉତ୍ସାହେ କର କାମନା,
ଉତ୍କଳ ଉନ୍ନତି କରିବା ସାଧନା,
ନ କର ଏ ଯୁକ୍ତି, ଉତ୍କଳ ସନ୍ତତି,
ପାଉଛନ୍ତି ଅତି ଲଜ୍ଜା ଯେ। ୩।
ସିଂହଭୂମି ବାସୀ ଭ୍ରାତା ସକଳେ,
ଉତ୍କଳ ଉନ୍ନତି କର ସିଂହ ବଳେ,
ନ ହୋଇ କାତର ହୁଅ ଅଗ୍ରସର,
ଜାତୀୟ ଜୀବନ କାର୍ଯ୍ୟେ ଯେ। ୪।

ଚାଲ—ଆଠତାଳ ।

ନବ ନାଗର ବର   ଯୁବତୀ ମନୋହର
ରହିଲେ କାହାପୁରେ ସଜନି ଲୋ । ପଦ ।

କେଉଁ ଦୋଷେ ମୋହନ   ଭୁଲିଲେ ଏତେମାନ
ବୃନ୍ଦା ସଖି ବଚନ ବଖାଣିଲେ । ୧ ।

ମୃଗ ମଦ କୁଙ୍କୁମ   ତାମ୍ବୁଲାଦି ଚନ୍ଦନ
କଲି ମୁଁ ଆୟୋଜନ ନ ଜାଣିଲେ । ୨ ।

ମନ ମୋହନ ବେଶ   ମୋହନ୍ତି ପୀତବାସ
ନୋହନ୍ତି ପାଇ କ୍ଲେଶ ସହିଲି ଲୋ । ୩ ।

ଗତଙ୍କ ପ୍ରାପ୍ତେ ମୁହିଁ   ଘନଶ୍ୟାମେ ଅନାଇ
ରହିଲି ଜାଗି ଏତ୍ତି ରଜନୀ ଲୋ । ୪ ।

ଆଶା ପୂର୍ଣ୍ଣ ନହିଲା { କଲକଣ୍ଠ ଗୁଞ୍ଜିଲା
କୋକିଳ ରବଦେଲା }
ଗହ୍ନି ଗହ୍ନି ପାହିଲା ଯାମିନୀ ଲୋ । ୫ ।

ଭଣେ ଅମ୍ବିକା ଗୀତେ   ଚାହିଲେ ସ୍ୱଚ୍ଛଚିତେ
ପାଇବୁ ଭଗବତେ କାମିନୀ ଲୋ । ୬ ।

—✱—

ରାଗ—ଅଶୋକ ବସନ୍ତ-ଆଡ଼ତାଳ ।

ରେ ନବୀନା ! ଗତି ନାହିଁ ତୋର ବିନା । ପଦ ।
ଅରେ ଜୀବ ଜୀବନ ହିବଲେ ଛତଅନ ପ୍ରୀତିଧନେ ତୋର କିଣା ॥
ତୋର ପଙ୍କଜମୁଖ ଦର୍ଶନେ ନାଶେ ଦୁଃଖ ଅଛି ଏ ଦାସକୁ ଜଣା ॥
ତୋର ଲାବଣ୍ୟ ରୂପେ କିଣି ଦାସ ମୁଁ ଅପେ ଦାଣ୍ଡେ ନକର ଛଳନା ॥
ଶ୍ରୀ ଅମ୍ବିକା ଚରଣ ବୋଲେ ସୀମା ରତନ ପ୍ରେମକୁ ନ କର ସନା ॥

—✱—

ରାଗ—ଆଶାବରୀଯତି ।

ଏହୁ ରମଣୀ ଯେ ଅବଳା ମଧ୍ୟରେ ସାର ।
ଦେଖିବା ମାତ୍ରକେ ଅଙ୍ଗରେ ଅନଙ୍ଗ ପ୍ରହାରଇ ପଞ୍ଚଶର । ପଦ ।
ଲପନ କେଶରୀ, ମଣିଣ ଭ୍ରମର, ଭ୍ରମରେ ଭ୍ରମନ୍ତି ଖର ।
ମଧୁପାନ ଆଶେ, ମଧୁକର ବଂଶେ, ମଧୁରେ କରନ୍ତି ସ୍ୱର । ୧ ।
କୁରଙ୍ଗି ଭୂଷଣ, ତରୁଣୀ ନୟନ, ଠାରେ ହୋଇବ ପରାସ୍ତ ।
ତହିଁରେ ଅଞ୍ଜନ, କରିଛି ରଞ୍ଜନ, ବିମ୍ବାଧରୀ ନାଗିବର । ୨ ।
ସୁନାସିକା ଅଗ୍ରେ ହାଟକ ନୋଲକ ଶ୍ରୁତି ଯୁଗେ କର୍ଣ୍ଣଫୁଲ ।
କଣ୍ଠ ଦେଶେ ଦଶେ ହିରା ହାର ଜିମନ୍ତି ବିଜୁଳେ ସିର । ୩ ।
ଚିକୁଣ ଚିକୁର କଲାପେ ଛନ୍ଦିତ, ବେଣୀ ଲମ୍ବେ ପୃଷ୍ଠୋପର ।
ଫଣି ପୁଚ୍ଛ ତୁଚ୍ଛ ହୋଇବ ତା ଠାରେ ବାସନ୍ତି କିଣିତା ସ୍ୱର । ୪ ।
ଦିବା ପଦ୍ମକୁ ନାରଙ୍ଗ ବେଲାକୁ ଥାପି ଅଛି ବକ୍ଷୋପର ।
ପୟୋଧର କାନ୍ତି ଅଟେ ଏହିମତି କୁଞ୍ଜର ଗତି ଯେ ତାର । ୫ ।
ଚରେଣି ତରୁଣୀ ଲୁଣ୍ଡି ମୁନି ଜ୍ଞାନୀ ହୋଇଯିବେ ଭ୍ରଷ୍ଟାଚାର ।
ଘୃତଲ ଅମ୍ବିକା ଯେ ପୂଜେ ଅମ୍ବିକା ହୋଇବ ତାର ଏହାର । ୬ ।

—✱—

ତାଳ—ଝୁଲ ଓ ଆଡ଼ା ।

ସଖି କାହୁଁ ଗିରିଧାରୀ,
ମଦନ ମୋହନ ବିନା ଯିବ ଜୀବନ୍ତି ମୋହରି । ପଦ ।

ଯମୁନା ତଟରେ ଆଜ   କହିଥିଲେ ବ୍ରଜରାଜ ।
ଅର୍ଦ୍ଧ ରଜନୀ ମଧ୍ୟରେ ମିଳିବି ଭ୍ରମର ସୁଖ । ୧ ।

ମାଳତୀ ମଲ୍ଲିକା ଯୂଥି,   ସୁଗନ୍ଧ ତାମ୍ବୁଳ ନେଇ ।
ଥାପିଛି ପ୍ରେମ ଭରେ ମୁହିଁ ବିଫଳ ହେଲା ମୋହରି । ୨ ।

ପିକ କୁଳ ରବ ମାନ   ହେଉଅଛି ଘନ ଘନ ।
ଆଶା ଭର ପ୍ରଭୁ ହୀନ, ଦେଖ ଆଗୋ ସହଚରି । ୩ ।

IMPD000000001ORI

ମୋହନ କର ମୁରଲି   ନ ଆସିଲେ ମୋର ଦୃଷ୍ଟି
ଉଜାଗରେ ବସିଛନ୍ତି, ପାହି ଗଲାଣି ଶର୍ବରୀ । ୪ ।
ଭଣେ ଅମ୍ବିକା ଚରଣ   ବିନା ଶ୍ୟାମ ନବଘନ
ରାଧା ପ୍ରାଣ ଉଚାଟନ ପାଇବ କି ଧୈର୍ଯ୍ୟଧନ । ୫ ।

ରାଗ—କାଫି ଏକତାଳି ।

ଶୁଣଲୋ ସଜନି ମୁରଲୀପାଣି ଯା କଲେ ।
ଛନ୍ଦେ ବନ୍ଦେ ପ୍ରେମେ ସଖି, ମୋତେ ମଜାଇଲେ । ପଦ ॥

ସୁଖରୁ ପଲଙ୍କେ ମୁହିଁ   ଶୋଇଥିଲି ପ୍ରାଣ ସହି ।
ଧୂରକୁରେ ସେ କହ୍ନାଇ ଯେତେ ମୋ ମିଳିଲେ । ୧ ।
ଶ୍ରୀକର କମଳ ଦୁଇ   ଥୋଇଲେ ମୋ ବକ୍ଷେ ନେଇ ।
ମୋହିନୀ ମୋହନ ମୋ ବଦନେ ଚୁମ୍ବିଦେଲେ । ୨ ।
ଉରଜେ ଲାଗୁଁ ଶ୍ରୀକର   ନିଦ୍ରା ଭାଙ୍ଗିଲା ମୋହର ।
ରତି-ପତି-ପଞ୍ଚ-ଶର ହୃଦେ ମୋ ବିନ୍ଧିଲେ । ୩ ।
ଲଜ୍ଜାଭୟେ ମୋ ଶରୀର   ହୋଇବାରୁ ଥର ଥର ।
ବଳେବ ସେ ନଟବର କୋଳେ ଶିଘ୍ର ନେଲେ । ୪ ।
ଅତି ସବିନୟ ବାଣୀ   ଭଣି ସେ ମୁରଲିପାଣି ।
ମୁରଲି ପ୍ରେମଙ୍କରେ ସଖି ମନ ମୋ ମୋହିଲେ । ୫ ।
ଅମ୍ବିକା ଚରଣେ ବାଣୀ   ଶୁଣରେ ରମଣି ମଣି
ଆଜଠାରୁ ବ୍ରଜମଣି ଜଣା ତୋ ହୋଇଲେ । ୬ ।

ରାଗ—ଝିଞ୍ଜିଟି ତାଳ ଆଦି ।

ସେ ଯୁବାବର, ମାନସ ମୋହିଲା ମୋହର । ଧ୍ରୁ
ଯମୁନା ନୀରଙ୍ଗା, ଜଳବେଳେ ସଜନି, ଦେଖିଲି ରୂପ ମନୋହର ।

ଛିଡ଼ ହଲେ ଯୁବତୀ, କେ ହୋଇ ପାରେ ସତୀ,
ବିଲୋକି ସେ ବ୍ରଜସୁନ୍ଦର ।
କଦମ୍ବ ତରୁତଳେ, ଦେଖି ସେ କୁତୁହଳେ,
ଶ୍ରୀଅଙ୍ଗେ ଶୋଭେ ପିତାମ୍ବର ॥
ମୁଖ ନୀଳାବ୍ଜ ଜିଣି, ଶୋଭେ ମୁରଲୀପାଣି,
ତ୍ରିଭଙ୍ଗ ଭଙ୍ଗି କଳେବର ।
ମୀନ କେତନ କାନ୍ତି, ଜିଣି ଚିତ୍ତ ମୂରତି,
କେକି ଚନ୍ଦ୍ରିକା ଶିରୋପର ॥
ଶୁଣି ସଖି ବଚନ, ଧୈର୍ଯ୍ୟ ନ ଧରେ ମନ,
ଆଣିଲେ ସେ ନବ ନାଗର ।
ଭଣେ ଅମ୍ବିକା ଗୀତେ, ହର ପୂଜ ତୁ ଚିତ୍ତେ,
ଲଭିବୁ ସେ ନନ୍ଦ କିଶୋର ।

—✱—

ରାଗ—କାଓ୍ୱାଲି-ଛପକା ।

ରେ ଗଜଗମନା, କାହେ ତୁ ଭାଷା କହନା । ପଦ ।
କାହିଁକି କରୁଛୁ ମାନ, କହ ଆରେ ଜୀବଧନ
ଦହୁଛୁ ମୋ ହୃଦ ଭବନା । ୧ ।
ରତି ପତିର ଯାତନା, ଶାରଦ ଚନ୍ଦ୍ର ବଦନା
କେନେ କେ ନେବ ବେଦନା । ୨ ।
ଦେଖଣ ବେଷ ଅନ୍ତର, ନ କର ମନେ ଅନ୍ତର
ଅଟେଁ ମୁଁ ତୋହର କିଣା । ୩ ।
ଅମ୍ବିକା ପ୍ରସାଦ ଭଣି ଶୁଣି ସୁମଧୁର ବାଣି
ହର୍ଷିତ ବାମ ନୟନା । ୪ ।

—✱—

ଥିଏଟର ସଙ୍ଗୀତ ।

ଚାଲ ଚାଲ ଲୋ ସଙ୍ଗିନୀ ଚାଲ ।
ନୂତନ ମାନସ କରାଇବେ ତୋଷ କରିବା ଉଦ୍ୟାନ ସ୍ଥଳ । ପଦ ।
ଧରିବା ପ୍ରେମର ତାନ, ରଞ୍ଜିବା ପ୍ରେମିକ ମନ,
ଅମୃତ କଣ୍ଠ ସ୍ୱରେ, ସୁସ୍ୱ ସରୋବରେ, ସଞ୍ଚାର ହେବ ସଲିଲ । ୧ ।
ସୁମନ କରି ଚୟନ—
ଶୟନ ଭବନେ, ସୁରୁଷ ରତନେ, କରିବାଲୋ ସଖୀ ମଣ୍ଡନ,
ସୁରଭି ପ୍ରଦାନେ, ଅତି ସଯତନେ, ବିସ୍ତାରିବା ପ୍ରେମ ଜାଲ । ୨ ।
ଭିକ୍ଷେ ଶ୍ରୀ ଅମୃତା ଚରଣ, ଗୁଣ ଗୁଣ ଲୋ ସଜନୀ ଗୁଣ
ଆଜଲୋ କୁନ୍ତଳେ, ରଚିବା କୌଶଳେ, କୁସୁମରେ ବେଣୀଫୁଲ ॥

—✻—

ଆସଲୋ ଆସଲୋ ଆସଲୋ ସଜନି ପ୍ରମୋଦ କାନନେ ମୋର
ଆଜି—କୁସୁମ ଗନ୍ଧେ, ଅତି ଆନନ୍ଦେ, କରିବା ରଜନୀ ଭୋର । ପଦ ।
ଫୁଟିଛି ପ୍ରସୂନ ହସୁଛି ଧରଣୀ,
ଫୁଟିଛି ଯୋଛନା ହସେ ନିଶିଥିନୀ ଲୋ,
ତହିଁ—କୁସୁମ ଗନ୍ଧେ, ମଧୁପ ବୃନ୍ଦେ, ମଧୁରେ କରନ୍ତି ସ୍ୱର । ୧ ।
ପ୍ରେମଭରେ ତହିଁ ପ୍ରୀତି ରଙ୍ଗେ,
ରଖିଛି ଅଙ୍ଗ ବିଟପୀ ଅଙ୍ଗେ ଲୋ,
ସଖି—ଦେଖିଲେ ଏ ରଙ୍ଗ ଅଙ୍ଗରେ ଅନଙ୍ଗ,
ସୁରଙ୍ଗେ ପ୍ରହାରେ ଶର । ୨ ।
ଚାଲ ଚାଲ ସଖି ଚାଲ ଉଦ୍ୟାନ,
ପଞ୍ଚମରେ ଆଜି ଧରିବା ତାନ ଲୋ,
ତହିଁ—କୋକିଳ କୁଳ, ହେବେ ଆକୁଳ, ଶୁଣି ସୁମଧୁର ସ୍ୱର । ୩ ।

—✻—

(भजन)।

रागिणी खम्बाज ताल जत्

भजु रे बंशी बदन बनवारी
दीन दयाला नन्द को लाला पतीतन के हितकारी ॥
सुरपति विधि हर जपत निरन्तर यश गावत श्रुतिचारि
दुष्टन घालक सज्जन पालक गोपीजन मनहारी ॥
केशी नीसूदन कालीय मर्दन पीताम्बर गिरिधारी
ग्राहको मारयो गजको उबारयो दीनबन्धु दयारि ॥
युग युगान्तर जपत निरन्तर तिनके गुण त्रिपुरारि
गिरिधर वर गोपाल गदाधर गरुड़ध्वज कंसारि ॥
शुनो रमापति अम्बिका आरति करत युगल कर जोरि
विपति हमारि हरो मुरारि शरणागत मैं तोरो ॥

कावाली

भजु रे मन राधिका रञ्जन श्याम
यशोदा नन्दन आनन्द कन्दन उजल करत नन्दधाम ॥
पीत पटधारी मोहन मुरारि त्रिभङ्ग भङ्गिमा चारुठाम
यमुना को तीरे कदम्बकोनारे बंशी बजावे अविराम ॥
वदति अम्बिका छोड़ मन शङ्का निरत करतु हरिध्यान
श्रीमधुसूदन जगजन वन्दन गुण अतीत गुणधाम ॥

ଉତ୍ସର୍ଗ ।

ରାଗ ବିହାଗ ଦେଶାକ୍ଷ ।

(୧)

ତାରାମଣି ମୁହିଁ ତାରାମଣି ତୁହି ନୟନ ତାରା ତୁ ମୋର ।
ଜୀବନ ଈଶ୍ୱର ! ମୋତେ ପରିହରି ଏକାଳେ ହେଲୁ ଅନ୍ତର ରେ
ତୋର ବିନେ ମୋ ଭବନ, ମଣୁ ଅଛି ମୁହିଁ ଘୋର ବନ ଯେ ॥

(୨)

ଝୁରିଝୁରି ତୋର ଚରିତ ଚିନ୍ତ କର ସଢ଼ିଯାଏ ଅପଘନ ।
ନ ପାରଇଁ ସହି ଆଉ ପ୍ରାଣସହି ତୋର ବିଚ୍ଛେଦ ଭୀଷଣ ଯେ
ଜୀବ ଯିବ ନ ରହିବ, ତୋରଗୁଣ ଆଉ କେ ଗାଇବ ରେ ॥

(୩)

ମୋ ହୃଦ ନନ୍ଦନ ଉଦ୍ୟାନେ ଶୋଭନ ପାରିଜାତ ଫୁଟିଥିଲୁ
ନ ଘେନୁ ସୁବାସ କରିଣ ବିଧାତ କାହିଁକି ଝଡ ପଠାଇଲୁ ରେ
କୃପାପାତ୍ରେ କୋପ ବହି, କେଉଁ ଫଳ ଲାଭ କଲୁ ସହି ରେ ॥

(୪)

ଶୟନେ ସ୍ୱପନେ ଭୋଜନେ ଗମନେ ପାସୁରି ନ ଯାଉ ତୁହି
ହୋଇ ଯୋଗୀ ପରି ଦିବାନିଶି ତୋର ଧ୍ୟାନେ ଅଛି ମୁହିଁ ଯେ
ଆନ କାର୍ଯ୍ୟ ନାହିଁ ମୋର, ତୋର ନାମ ଜପେଁ ନିରନ୍ତର ରେ ॥

(୫)

ତଟିନୀ ତଟରେ ନଗରେ ପ୍ରାନ୍ତରେ ରାଜ ରମ୍ୟ ହର୍ମ୍ମ୍ୟେ ଯାଇ
ସୁହୃଦ ସାନ୍ତ୍ୱନା ବନ୍ଧୁ ଆଶ୍ୱାସନା ପାଇ ଶାନ୍ତି ଲଭେଁ ନାହିଁ ଯେ
ସଦା ଅଧୈର୍ଯ୍ୟ ଜୀବନ, ବିଷପରି ମଣେ ପ୍ରାଣାଧନ ରେ ॥

(୬)

ପ୍ରେମ ସିନ୍ଧୁରୁ ଟୋ ବିନ୍ଦୁ ମାତ୍ର ପାଇ ସ୍ୱର୍ଗ ସୁଖ ଭୋଗୁଥିଲି
ଯେ ବିନୁ କରୁଣା କରି ଗଲ ତୃଣା ପଥ ଭିଖାରୀ ହୋଇଲି ରେ
ଏବେ ମୁହିଁ କି କରିବି, ଅମ୍ବୁ ଅବା ଅଗ୍ନିରେ ଝାସିବି ରେ ॥

(୭)

ଥିଲି ଆଶାମନେ ରହି ତୋର ସନେ କାଳ କାଟିବି ମୋଦରେ
ମୋ କର୍ମ ଦୋଷରେ କାଳ କବଳରେ ପଡିଗଲୁ ଅକାଳରେ ଯେ
ଯୋଗୁଁ ମୋର ଭାଗ୍ୟ ଭଲା, ଜୀବ ଥାଉଁ ଥାଉଁ ହେଲି ମଲା ଯେ ॥

(୮)

ଛାଡି ଯିବାକ୍ଷଣେ ଇଙ୍ଗିତ ବଚନେ କଲୁଯା ମତେ କଥନ
ସେହୁ ବାଣୀ ନୁହେ ଅନୁମାନ ହୁଏ ହୃଦେଁ ସୁତୀକ୍ଷ୍ଣ ମାର୍ଗଣ ରେ
ସେହି ବାଜି ବାହାକରି, ଦେହ କାଟେ ଭଲେ ଛଟଳ କରି ରେ ॥

(୯)

ଥିବା ଯାଏ ଜୀବ ଏକି ମନ୍ତ୍ରିବି ବିଷମ ବ୍ୟଥା ମୋହର
ଦୁଃଅଇ ପରତେ ପ୍ରାଣର ସଙ୍ଗତେ ଅବଶ୍ୟ କରିବ ପାର ଯେ
ପୁଣି ପରଜନ୍ମ ଯାଏ, ଥିବ ତାପ ଅନୁମାନ ପାଏ ରେ ॥

(୧୦)

ପ୍ରୀତ୍ୟେ କ୍କ ବିଦ୍ବରେ ଦଣ୍ଡ ଏ ପ୍ରକାରେ ବହିଲୁ ନିର୍ଦୋଷ ଜନେ
ସାକ୍ଷୀ ଆଚରଣ ଶାସ୍ତ୍ର ବିଦଗଣ ଲିଖିଅଛନ୍ତି ଏସନେ ଯେ
ପଢ ଟଢାନଲେ ସଖୀ, ଝାସ ଦେଇ ପାଇବେ ସଦ୍ଗତି ଯେ ॥

(୧୧)

ଅଧୁନା ଭୁଞ୍ଜତ କଲୁ ବିପରୀତ ଅଗ୍ରତେ କରି ଗମନ
ହେବ ବିଧାନ କରି ଏହା ଜ୍ଞାନ ହୃଦେ ରଖିଲି ଜୀବନରେ
ନନ୍ଦ ଛାଇ ଭଡାନଲେ, ପଡ ପୁଡି ଯାନ୍ତୁ ଲିବିଲେ ରେ

(୯)

ନ ହେବାର ଯାହା ହୋଇ ଗଲା ତାହା ଆପ୍ସୃତ୍ତି ନାହିଁ ତାହାର
ତୋ ଗୁଣ ସୁମନ ହୋଇ ମୁ ସୁମନ ପଦ୍ୟ ସୁତ୍ରେ ଗୁନ୍ଥି ହାର ରେ
ତୁବେ ଯତ୍ନେ ପିନ୍ଧିଥିଲ, ଆଜ ତୋ ପ୍ରୀତିରେ ଉତ୍ସର୍ଗିଲ ରେ ॥

(୧୦)

ଆରେ ମହାସତ୍ତ ! ସନ୍ତୁଷ୍ଟ ମୋ ପ୍ରତି ହୋଇ ଦୟାବନ୍ତୀ ତୁହି
କଲେ ଗ୍ରହଣ ମୋ ଆଶା ପୂରଣ ହେବ ଶାନ୍ତ ହେବ ମୁହିଁ ଯେ
ଅମ୍ବିକାର ଏହି ଭାବ, ତାର ତାରପଦେ ପାଉ ଠାବ ମେ ।

ସମାପ୍ତ ।

ବିଜ୍ଞାପନ।

ଏହି ଲିଖିତ ପୁସ୍ତକମାନ ଏହି ଠିକଣାରେ ବିକ୍ରି ହେଉଅଛି।

ବଡ଼ ଚୈତିନି ଭାଗବତ	ଟ ୧ ୩	ସ୍ୱଚ୍ଛ ବଡ଼ଃ ଗୀତା	ଟ ୦ ୷
,, ଏକାଦଶସ୍କନ୍ଧ	ଟ ୦ ୨	,, ସ୍ତୁତିଚିନ୍ତାମଣି ଶ୍ଳୋକ	ଟ ୦ /୨
,, ଦଶମସ୍କନ୍ଧ ଗୋପଲୀଳା	ଟ ୦ ୨	,, ସ୍ୱଃଶାନ୍ତିପାଠ	ଟ ୦ ୷
,, ,, ଦ୍ୱାରକାଲୀଳା	ଟ ୦ ୩	,, ହନୁମାନଚରିତ୍ର	ଟ ୦ ୷୨
,, ପଦ୍ମପୁରାଣ	ଟ ୦ ୩	,, ନବଗ୍ରହସ୍ତୋତ୍ର	ଟ ୦ /
,, ବଲଙ୍କା ରାମାୟଣ	ଟ ୦ ୩	,, ଶ୍ରୀବାଲ୍ମୀକଚରିତ ଓ ନିତ୍ୟକର୍ମ	ଟ ୦ /୩
ବଭ୍ରୁବାହନ ଯୁଦ୍ଧ	ଟ ୦ ।/	,, ଲକ୍ଷ୍ମୀପୁରାଣ	ଟ ୦ /୨
,, ଗଙ୍ଗାମାହାତ୍ମ୍ୟ	ଟ ୦ ।	,, ସଙ୍ଗୀତ ରତ୍ନମାଳା	ଟ ୦ /
,, ମଥୁରାମଙ୍ଗଳ	ଟ ୦ ।/	,, ବପଃପାଶା	ଟ ୦ /୩
,, ପ୍ରସ୍ତାବସିନ୍ଧୁ	ଟ ୦ ।/	,, ବର୍ଣ୍ଣବୋଧକ	ଟ ୦ /୨
,, ଦାରୁପୁରାଣ	ଟ ୦ ।	,, ଗୋପୀଭାଷା	ଟ ୦ ୍୧
,, ବାଇଦ୍ୟାଲକ୍ଷ୍ମୀ ୧ଖଣ୍ଡ	ଟ ୦ ।/	,, କୋଇଲମାଳିକା	ଟ ୦ ୍୧
,, ,, ୨ୟ	ଟ ୦ ୨	,, ସବଣାନିଧି	ଟ ୦ ୍୧
,, ଗଣେଶ ବିଭୂତି	ଟ ୦ ।	,, ଅରଣ୍ୟରାଣ	ଟ ୦ ୍୧
,, ଗୀତଗୋବିନ୍ଦ	ଟ ୦ ।	,, ତ୍ରିନାଥମେଳା	ଟ ୦ /
,, ଦ୍ରୋଣପର୍ବ	ଟ ୦ ୷୨	,, ଉପେନ୍ଦ୍ରଭଞ୍ଜସଙ୍ଗୀତ	ଟ ୦ /
,, ଦଶଅବତାର ଲୀଳା	ଟ ୦ ୷୦	,, କାଳିଦଳନ	ଟ ୦ ୍୧
,, ଭୂତକେଳି	ଟ ୦ ୷	,, ବଜାରବୋଲି	ଟ ୦ ୍୨
,, ଅଙ୍ଗଦପଦ	ଟ ୦ ୷	,, ସନିସ୍ତାରଣ	ଟ ୦ ୍୨
,, ଅଶ୍ୱମେଧଯଜ୍ଞ	ଟ ୦ ୷	,, ନଷ୍ଟଚୋର	ଟ ୦ ୍୨
,, ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ ୷୨	,, ମନବୋଧ ଚଉତିଶା	ଟ ୦ ୍୧
,, ଲକ୍ଷଣସାର	ଟ ୦ ୷	,, ଅଭିମନ୍ୟୁ	ଟ ୦ ୍୧
,, ବୃନ୍ଦାବନ	ଟ ୦ ୷୨	,, ଗର୍ଭଗୀତ ସ୍ତୁଃ	ଟ ୦ ୍୨
,, ଗୁଣସାଗର	ଟ ୦ ୷	,, ବସ୍ତ୍ରହରଣ	ଟ ୦ ୍୨
,, ଭ୍ରମରବରଗୀତ	ଟ ୦ ୷	,, ଅଲୋଗବୋଲି	ଟ ୦ ୨
,, ନବଗ୍ରହସ୍ତୋତ୍ର	ଟ ୦ /	ନାମରତ୍ନଗୀତା ୧ମ ୨ୟଖଣ୍ଡ	ଟ ୦ ୨୷

ମ୍ୟାନେଜର

ନଂ ୧ ମୁର ସାହାଜି ଷ୍ଟ୍ରୀଟ୍। ପୋଃ। ବଡ଼ବଜାର। କଲିକତା।